ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**SESSION :** ୦୪

**CLASS :** ଚତୁର୍ଥ ଶ୍ରେଣୀ

**SUBJECT :** ଓଡ଼ିଆ

**TOPIC :** ସେମାନେ ଆମ ଭାଇ ଭଉଣୀ

**SUB TOPIC :** ବିଷୟ ବ୍ୟାଖ୍ୟା ଓ କଠିନ ଶବ୍ଦ



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ଶୈକ୍ଷିକ ଉଦ୍ଦେଶ୍ୟ

ଆଲୋଚନା ମାଧ୍ୟମ ରେ ଓଡିଶା ର ବିଭିନ୍ନ ଜନଜାତିଙ୍କ ବିଷୟ ରେ ଜ୍ଞାନ ଆହରଣ କରିବା


ଓଡିଶା ର ଜନଜାତି

# ସେମାନେ ଆମ ଭାଇ ଭଉଣୀ

ODM EDUCATIONAL GROUP
Changing your Tomorrow

ଏଇ ଦୂରରୁ କ'ଣ ଡୁଂଡୁଂ ଶବ୍ଦ ଶୁଭୁଛି। ଗୁମ୍‌ଝୁମ୍ ବାଜା ବାଜୁଛି। ପୁଣି ଶୁଭୁଛି ଙ୍ଗୁଂ-ଙ୍ଗୁଂ-ଙ୍ଗଂ-ଙ୍ଗଂ ଙ୍ଗୁଙ୍ଗୁଙ୍ଗ୍ ଉଙ୍ଗୁଙ୍ଗ୍। ବଣ୍ଡା ଝିଅମାନେ ନାଚୁଛନ୍ତି। ଖୁସିରେ ଗୀତ ଗାଉଛନ୍ତି । ସେ ଗୀତର ସୁର କେତେ ମଧୁର। କ'ଣ ଗୋଟାଏ ପରବ ଚାଲିଛି ପରା। ବଣ୍ଡା ଗାଁରେ ବିଭିନ୍ନପ୍ରକାର ପର୍ବ ପାଳନ କରାଯାଏ। ସେଗୁଡ଼ିକ ହେଉଛି ଦଶରାପରବ, ଦିଆଲିପରବ, ପୁଷପରବ, ମାଘପରବ, ଚଇତିପରବ ଇତ୍ୟାଦି। ପରବ ଦିନରେ ସେମାନେ ଘରଦ୍ୱାର ଲିପି ସଫାସୁତରା କରନ୍ତି। ଏକାଠି ଭୋଜିଭାତ କରି, ନାଚି ଗାଇ ଖୁବ ମଉଜ କରନ୍ତି।

ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ। ଖୁବ୍ ଭୋର୍‌ରୁ ଉଠି କାମକୁ ବାହାରି ଯାଆନ୍ତି। ସେମାନେ ଗାଈ, ଗୋରୁ, ଛେଳି, କୁକୁଡ଼ା, ଘୁଷୁରି ପାଳନ୍ତି। ଧାନ, ମାଣ୍ଡିଆ, କାଙ୍ଗୁ, ଅଳସୀ ଇତ୍ୟାଦି କେତେ ଜାତିର ଫସଲ ଚାଷ କରନ୍ତି। ସେମାନଙ୍କ ଭିତରେ ଖୁବ୍ ଏକତା ଥାଏ। ଗାଁ, ମଝିରେ ଗୋଟିଏ ବଡ଼ ଗଛତଳେ ପଥରର ଚଉତରାଟିଏ ଥାଏ। ତାଆରି ଉପରେ ବସି ଗାଁ'ର ଭଲ ମନ୍ଦ କଥା ଆଲୋଚନା କରନ୍ତି। ନ୍ୟାୟ, ନିଶାପ ବି ହୁଏ।





# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | |
|---|---|
| ପରବ | ପର୍ବ |
| ମଉଜ | ମଜ୍ଜା |
| ପାଳନ୍ତି | ପାଳନ କରନ୍ତି |
| ଅଳସୀ | ଏକ ପ୍ରକାର ତୈଳ ବୀଜ |
| କାଙ୍ଗୁ | ଏକ ପ୍ରକାର ଶଷ୍ୟ |
| ନିଶାପ | ଆପୋଷ ବୁଝାବଣା |

# ସେମାନେ ଆମ ଭାଇ ଭଉଣୀ

ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ମାନନ୍ତି। ସେମାନେ ନିଜପାଇଁ କେବେ କିଛି ମାଗନ୍ତି ନାହିଁ। ଯାହା ମାଗନ୍ତି ଗାଁର ସମସ୍ତଙ୍କ ପାଇଁ। ଗାଁ ଠାକୁରାଣୀଙ୍କୁ ପୂଜା କଲାବେଳେ କହନ୍ତି, "ମା, ଆମ ଗାଁରୁ ବାଘ, ଭାଲୁ, ସାପ, ରୋଗ ଦୂରେଇ ଯାଉ। ବାପା, ମାଆ, ପିଲାଛୁଆ ଗାଈଗୋରୁ, କୁକୁଡ଼ା, ଛେଳି, ଘୁଷୁରି ସମସ୍ତେ ଭଲରେ ରହନ୍ତୁ। କେହି କଳିଗୋଳ ନ କରୁ। ସମସ୍ତେ ମିଳିମିଶି ଖୁସିରେ ଥାଆନ୍ତୁ।" ସେମାନେ ଜାଣନ୍ତି, ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ। ସମସ୍ତେ ସୁଖରେ ରହିଲେ ହିଁ ଜଣେ ସୁଖରେ ରହିବ। ଶୁଣିଲେ ଖୁସି ହେବ ଯେ, ସେମାନେ ଏବେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କଲେଣି। ସରକାର ମଧ୍ୟ ସେଥିପାଇଁ କେତେ ପ୍ରକାର ବ୍ୟବସ୍ଥା କରିଦେଲେଣି। ଚାଲ ତାଙ୍କ ସହିତ ମଇତର ବସିବା।





# କଠିନ ଶବ୍ଦ


ODM EDUCATIONAL GROUP
Changing your Tomorrow

| | | |
|---|---|---|
| ଏକତା | » | ମିଳିମିଶି |
| ଆଗ୍ରହ | » | ଇଛା |
| ମଇତର | » | ମୈତ୍ର / ବନ୍ଧୁ |

# ଲବ୍ଧଜ୍ଞାନ ର ଫଳାଫଳ

## ଜନଜାତି ଙ୍କ ବିଷୟ ରେ ଜ୍ଞାନ ହାସଲ କରିବା

ODM EDUCATIONAL GROUP
Changing your Tomorrow





# ଗୃହ କାର୍ଯ୍ୟ

ବଣ୍ଡା ଜନଜାତି ର ଲୋକ ମାନେ ବ୍ୟବହାର କରୁଥିବା କେତେକ ଜିନିଷ ର ଫଟୋ କୁ ଏକ ଚାର୍ଟ ପେପର ରେ ଲଗାଇ ତା'ର ନାମ ଲେଖ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP